# NATIONAL NEWS BULLETIN (ODIA)

27 October - 2025

Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ମୁମ୍ବାଇରେ ଆଜି ଆରମ୍ଭ ହେବାକୁ ଥିବା ଭାରତ-ସାମୁଦ୍ରିକ ସପ୍ତାହ ୨୦୨୫ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ମାଲେସିଆର କ୍ୱାଲାଲାମପୁରଠାରେ ଅନୁଷ୍ଠିତ ହେବାକୁ ଥିବା ବିଂଶତମ ପୂର୍ବ ଏସୀୟ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ ବୈଦେଶିକ ମନ୍ତ୍ରୀ ।
- ୫ବର୍ଷର ବ୍ୟବଧାନ ପରେ ଭାରତ-ଚୀନ୍ ମଧ୍ୟରେ ଆରମ୍ଭ ହେଲା ସିଧାସଳଖ ବିମାନ ସେବା ।
- ବେନିୟମଭାବେ ପ୍ରବେଶ ଅଭିଯୋଗରେ ହରିୟାଣାର ୫୪ଜଣ ଯୁବକଙ୍କୁ ଭାରତକୁ ପଠାଇଲା ଆମେରିକା ।

ଏବଂ

- ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଭାରତ-ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ।

## ଅମିତ ଶାହା-ଇଣ୍ଡିଆ ମେରିଟାଇମ୍ ୱିକ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ମୁମ୍ବାଇରେ ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ ଉଦଘାଟନ କରିବେ। ଭାରତୀୟ ବନ୍ଦର ସଂଘ ସହଭାଗୀତାରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି

ପାଞ୍ଚ ଦିନିଆ କାର୍ଯ୍ୟକ୍ରମରେ ସ୍ଥାୟୀ ସାମୁଦ୍ରିକ ଅଭିବୃଦ୍ଧି, ବାଣିଜ୍ୟ ପ୍ରସାର ଏବଂ ନୀଳ ଅର୍ଥନୀତି ବିକାଶ ପାଇଁ ଭାରତର ଦୃଷ୍ଟିକୋଣ ପ୍ରଦର୍ଶିତ ହେବ। କାର୍ଯ୍ୟକ୍ରମରେ ଭାରତ ଏବଂ ବିଦେଶର ସାମୁଦ୍ରିକ ଶିଳ୍ପର ନେତା, ନୀତି ନିର୍ଦ୍ଧାରକ, ନିବେଶକ, ନବସୃଜନକାରୀ ଏବଂ ଅଂଶୀଦାରମାନେ ସାମିଲ ହେବେ। ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ରେ ପ୍ରଦର୍ଶନୀ, ଦଳଗତ ଆଲୋଚନା ଏବଂ ଅଧିବେଶନ ଅନୁଷ୍ଠିତ ହେବ, ଯାହା ବନ୍ଦର, ଜାହାଜ ଚଳାଚଳ, ପରିବହନ ଏବଂ ସାମୁଦ୍ରିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସୁଯୋଗର ପଥ ଉନ୍ମୁକ୍ତ କରିବ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ବିଶ୍ୱ ସାମୁଦ୍ରିକ କେନ୍ଦ୍ର ଭାବରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା ଏବଂ ସମଗ୍ର କ୍ଷେତ୍ରରେ ସହଯୋଗ, ନବସୃଜନ ଏବଂ ନୀତିଗତ ଆଲୋଚନାକୁ ପ୍ରୋତ୍ସାହିତ କରିବା।

ଭାରତ ସାମୁଦ୍ରିକ ସପ୍ତାହ ୨୦୨୫ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ ଏବଂ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ। କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଏବଂ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଆଜି ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବୁଧବାର ଏକ ସ୍ୱତନ୍ତ୍ର ପୂର୍ଣ୍ଣାଙ୍ଗ ଅଧିବେଶନକୁ ସମ୍ବୋଧିତ କରିବାର ସମ୍ଭାବନା ରହିଛି। ଭାରତ ସାମୁଦ୍ରିକ ସପ୍ତାହ କାର୍ଯ୍ୟକ୍ରମ ପରେ, କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ମୁମ୍ବାଇର ମାଜାଗାନ ଡକରେ ଅତ୍ୟାଧୁନିକ ଗଭୀର ସମୁଦ୍ର ମାଛ ଧରିବା ଜାହାଜ ବଣ୍ଟନ

କରିବେ। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏବଂ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏହି ଅବସରରେ ଉପସ୍ଥିତ ରହିବେ।

## ଜୟଶଙ୍କର-ଇଷ୍ଟ ଆକ୍ଟ ସମିତ

ମାଲେସିଆର କ୍ୱାଲାଲାମପୁରଠାରେ ଆଜିଠାରୁ ଆରମ୍ଭ ହେଉଥିବା ବିଂଶତମ ପୂର୍ବ ଏସୀୟ ସମ୍ମିଳନୀରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ । ଏହି ସମ୍ମିଳନୀରେ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଆହ୍ୱାନ ଉପରେ ବିଚାର ବିମର୍ଷ କରାଯିବ ।

ଗତକାଲି ଡକ୍ଟର ଜୟଶଙ୍କର ସିଙ୍ଗାପୁରର ବୈଦେଶିକ ମନ୍ତ୍ରୀ ଭିଭିଆନ୍ ବାଲକ୍ରିଷ୍ଣନଙ୍କୁ ସାକ୍ଷାତ୍ କରି ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ଆଲୋଚନା କରିଥିଲେ । କ୍ୱାଲାଲାମପୁରରେ ୪୭ତମ ଆସିଆନ ଶିଖର ସମ୍ମିଳନୀ ଅବସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଉଭୟ ନେତା ଉଚ୍ଚସ୍ତରୀୟ ଆଞ୍ଚଳିକ କୂଟନୈତିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଡକ୍ଟର ଜୟଶଙ୍କର ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ଉଭୟ ନେତା ଦ୍ୱିପାକ୍ଷିକ ସହଯୋଗ ବିଷୟ ବିସ୍ତାର ସମ୍ପର୍କରେ ମତ ବିନିମୟ କରିଥିଲେ । ସମ୍ମିଳନୀ ପୂର୍ବରୁ ଡକ୍ଟର ଜୟଶଙ୍କର ଦକ୍ଷିଣକୋରିଆ ପ୍ରତିପକ୍ଷ ଚୋ ହ୍ୟୁନ୍‌ଙ୍କୁ ସାକ୍ଷାତ୍ କରି ଭାରତ-ଦକ୍ଷିଣକୋରିଆ ସ୍ୱତନ୍ତ୍ର ରଣନୈତିକ ସହଭାଗିତାକୁ

ପ୍ରଶଂସା କରିଥିଲେ । ଉଭୟ ନେତା ଦୁଇଦେଶ ମଧ୍ୟରେ ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ପ୍ରତିରକ୍ଷା ଏବଂ ଜାହାଜ ନିର୍ମାଣ କ୍ଷେତ୍ରରେ ସହଯୋଗ ବୃଦ୍ଧି ଲାଗି ସହମତ ହୋଇଥିଲେ ।

# ପିଏମ୍-ଆସିଆନ୍

୫ ଦିନିଆ ଆସିଆନ ଭାରତ ଶିଖର ସମ୍ମିଳନୀକୁ ଗତକାଲି ଆଭାସୀ ଜରିଆରେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏକବିଂଶ ଶତାବ୍ଦୀ ହେଉଛି ଭାରତ ଏବଂ ଆସିଆନ୍‌ର ଶତାବ୍ଦୀ । ଶ୍ରୀ ମୋଦି କହିଛନ୍ତି, ଭାରତ ଏବଂ ଆସିଆନ୍ ମିଳିତ ଭାବେ ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶକୁ ପ୍ରତିନିଧିତ୍ୱ କରୁଛନ୍ତି । ଭାରତ ଏବଂ ଆସିଆନ୍ କେବଳ ଭୌଗୋଳିକ କ୍ଷେତ୍ରରେ ଅଂଶୀଦାର ନୁହନ୍ତି, ବରଂ ଦୃଢ଼ ଐତିହାସିକ ସମ୍ପର୍କ ଏବଂ ମୂଲ୍ୟବୋଧର ରଜ୍ଜୁରେ ବାନ୍ଧି ହୋଇଛନ୍ତି ।

**V/O (PM on 2026 Asian)**

ଶ୍ରୀ ମୋଦୀ କହିଛନ୍ତି, ଏହି ଯୁଗ ଅନିଶ୍ଚିତତାର ଯୁଗ ହେଲେ ମଧ୍ଯ ଭାରତ-ଆସିଆନ ବ୍ୟାପକ ରଣନୈତିକ ଭାଗିଦାରିତା ସମ୍ପର୍କ ଯୋଗୁଁ ଶିକ୍ଷା, ପର୍ଯ୍ୟଟନ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଏବଂ ସବୁଜ ଶକ୍ତି କ୍ଷେତ୍ରରେ ବିକାଶର ନୂତନ ଦିଗ ଉନ୍ମୁକ୍ତ ହେବାରେ ଲାଗିଛି ।

**V/O (PM Asian People to People)**

ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍’ ଆସିଆନ୍ ଶିଖର ସମ୍ମିଳନୀରେ ଯୋଗଦେବା ନିମନ୍ତେ ମାଲେସିଆରେ ପହଞ୍ଚିଛନ୍ତି । ଏସିଆ ଏବଂ

ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ବାଣିଜ୍ୟ ସମ୍ପର୍କକୁ ତ୍ୱରାନ୍ୱିତ କରିବା ଦିଗରେ ପ୍ରମୁଖ ଆଞ୍ଚଳିକ ଅଂଶୀଦାର ଭାବେ ପ୍ରତିଷ୍ଠିତ କରିବା ଲକ୍ଷ୍ୟରେ ଶ୍ରୀ ଟ୍ରମ୍ପ୍ ଏହି ପାଞ୍ଚଦିନିଆ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ବିଭିନ୍ନ ଏସୀୟ ନେତାମାନଙ୍କ ସହ ଆଲୋଚନା କରି କୂଟନୈତିକ ସମ୍ପର୍କ ଦୃଢ଼ୀଭୂତ କରିବା ଲକ୍ଷ୍ୟ ନେଇ ଶ୍ରୀ ଟ୍ରମ୍ପ୍ ଏହି ସମ୍ମିଳନୀରେ ଯୋଗଦେଇଥିବା ଜଣାପଡିଛି ।

## ଇଣ୍ଡିଆ-ଚାଇନା ଡାଇରେକ୍ଟ ଫ୍ଲାଇଟ୍

ଦୀର୍ଘ ୫ବର୍ଷର ବ୍ୟବଧାନ ପରେ ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନସେବା ଉଡାଣ ହୋଇଛି । ଗତକାଲି ରାତି ୧୦ଟା ୭ ମିନିଟ୍‌ରେ କୋଲକାତା ବିମାନ ବନ୍ଦରରୁ ଇଣ୍ଡିଗୋ ବିମାନ ଏୟାରବସ୍ ଏ-୩୨୦ ୧୭୬ଜଣ ଯାତ୍ରୀଙ୍କୁ ନେଇ ଗୁଆଙ୍ଗଝୋ ବାଇୟୁନ ଆନ୍ତର୍ଜାତିକ ବିମାନବନ୍ଦର ଅଭିମୁଖେ ଯାତ୍ରା କରିଥିଲା । ଏହି ବିମାନସେବା, ବାଣିଜ୍ୟ, ପର୍ଯ୍ୟଟନ ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବ ବୋଲି କୁହାଯାଇଛି । ସୂଚନା ଅନୁଯାୟୀ କୋଲକାତା ଏବଂ ଗୁଆଙ୍ଗଝୋ ମଧ୍ୟରେ ପ୍ରତିଦିନ ବିମାନ ଚଳାଚଳ କରିବ । ସେହିପରି ଆସନ୍ତା ନଭେମ୍ବର ୧୦ରୁ ଦିଲ୍ଲୀ ଏବଂ ଗୁଆଙ୍ଗଝୋ ଓ ନଭେମ୍ବର ୯ରୁ ସାଙ୍ଘାଇ-ଦିଲ୍ଲୀ ମଧ୍ୟରେ ବିମାନ ଚଳାଚଳ କରିବ । ପୂର୍ବରୁ କୋଭିଡ-୧୯ ମହାମାରୀ ଯୋଗୁଁ ଉଭୟଦେଶ ମଧ୍ୟରେ ବିମାନ ଉଡାଣ ସ୍ଥଗିତ ରହିଥିଲା ।

# ଭିପି-ସେଚେଲ୍ସ

ଉପରାଷ୍ଟ୍ରପତି ସି ପି ରାଧାକୃଷ୍ଣନ ଗତକାଲି ସେଚେଲ୍ସର ନୂତନ ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍ମିନିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଛନ୍ତି। ସେଚେଲ୍ସକୁ ଦୁଇ ଦିନିଆ ଗସ୍ତରେ ଯାଇଥିବା ଶ୍ରୀ ରାଧାକୃଷ୍ଣନ ମରିସସର ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମଙ୍କୁ ସାକ୍ଷାତ କରିଛନ୍ତି। ଉଭୟ ନେତା ଦୁଇ ଦେଶ ମଧ୍ୟରେ ସମାନ ଇତିହାସ ଓ ସଂସ୍କୃତି ଉପରେ ଆଲୋଚନା କରିବା ସହ ଭାରତ-ମରିସସ୍ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବାର ଉପାୟ ବିଷୟରେ ଆଲୋକପାତ କରିଥିଲେ।

ଉପ-ରାଷ୍ଟ୍ରପତି ସେଚେଲ୍ସରେ ଥିବା ଭାରତୀୟ ପ୍ରବାସୀ ସଦସ୍ୟମାନଙ୍କୁ ମଧ୍ୟ ସମ୍ବୋଧିତ କରିଥିଲେ। ସେ ପାରସ୍ପରିକ ଏବଂ ସମଷ୍ଟିଗତ ବିକାଶର ଦୃଷ୍ଟିକୋଣ ବୃଦ୍ଧିରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇ ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେ ସେଚେଲ୍ସର ଲୋକଙ୍କ ପ୍ରତି ଦେଶର ଦୃଢ଼ ସମର୍ଥନକୁ ଗୁରୁତ୍ୱାରୋପ କରିଥିଲେ।

# ୟୁଏସ୍ ଡିପୋର୍ଟସ ୫୪

ଅବୈଧ ଭାବେ ଆମେରିକାରେ ପ୍ରବେଶ କରିଥିବା ଅଭିଯୋଗରେ ହରିୟାଣାର ୫୪ଜଣ ଯୁବକଙ୍କୁ ଆମେରିକା ଦେଶରୁ ବାହାର କରିଛି । ସେମାନେ ଗତକାଲି

ଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ସୂଚନା ଅନୁଯାୟୀ ସେହି ଯୁବକମାନଙ୍କ ମଧ୍ୟରୁ ୧୬ଜଣ କର୍ଣ୍ଣାଲର ହୋଇଥିବାବେଳେ ୧୫ଜଣ କୈଥଲରୁ ଅଛନ୍ତି । ତଥ୍ୟ ଅନୁଯାୟୀ ନିର୍ବାସିତ ହୋଇଥିବା ଯୁବକମାନଙ୍କ ବୟସ ୨୫ରୁ ୪୦ ବର୍ଷ ମଧ୍ୟରେ ହେବ । ସେମାନଙ୍କ ବିରୋଧରେ କୌଣସି ଅଭିଯୋଗ ଦାୟର ହୋଇନଥିବାରୁ ପୁଲିସ ପକ୍ଷରୁ ନିର୍ବାସିତ ଯୁବକମାନଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଚଳିତବର୍ଷ ଆରମ୍ଭରେ ଆମେରିକା ପ୍ରଶାସନର ନିଷ୍ପତ୍ତି ପରେ ବେନିୟମ ଭାବେ ଆମେରିକାରେ ବସବାସ କରୁଥିବା ଭାରତୀୟମାନଙ୍କୁ ଦେଶାନ୍ତର କରାଯାଇଥିଲା ।

## ଜିଏସ୍‌ଟି-ଏଗ୍ରିକଲଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତମାସ ୨୨ ତାରିଖରେ ଜିଏସ୍‌ଟି ସଞ୍ଚୟ ଉତ୍ସବ ଘୋଷଣା କରିବା ପରେ ଦେଶର ପ୍ରତ୍ୟେକଟି କ୍ଷେତ୍ରରେ କାରବାର ବୃଦ୍ଧି ପାଇବା ସହ ଲୋକମାନଙ୍କ କ୍ରୟ କ୍ଷମତା ମଧ୍ୟ ବୃଦ୍ଧି ପାଇଛି । ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଲାଗୁ ହେବା ଫଳରେ ଦେଶର ନାଗରିକମାନେ ଦୈନନ୍ଦିନର ଆବଶ୍ୟକତାଠାରୁ ଆରମ୍ଭ କରି ସମସ୍ତ ସାମଗ୍ରୀ ଓ ସେବା ଉପରେ ଲାଭ ପାଇବା ଆରମ୍ଭ କରିଛନ୍ତି । ଏହି ବିଷୟ ଘୋଷଣା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ...

**V/O (MKB GST)**

ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାର ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ଟିକସ ହାର ହ୍ରାସ କରିବା ଫଳରେ ସାଧାରଣ ଲୋକେ ପିଜାରୁଟି ଏବଂ ଚପାତି ଭଳି ଖାଦ୍ୟସାମଗ୍ରୀଗୁଡ଼ିକୁ ବିନା ଜିଏସ୍‌ଟିରେ କ୍ରୟ କରି ପାରୁଛନ୍ତି । ପୂର୍ବରୁ ଏହିସବୁ ସାମଗ୍ରୀ ଉପରେ ୧୮ ପ୍ରତିଶତ ଟିକସ ଲାଗୁ ହୋଇଥିଲା । ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ଉପରେ ଟିକସ ହାର କମ୍ କରିବା ଉଦ୍ଦେଶ୍ୟରେ ସୁପ୍, ଚକଲେଟ୍, ଚା, କଫି ଭଳି ସାମଗ୍ରୀ ଉପରେ କେବଳ ୫ ପ୍ରତିଶତ ଟିକସ ଲାଗୁ କରାଯାଇଛି । ଉତ୍ତର ବେଙ୍ଗଲ ଜୋନାଲ କାଉନ୍‌ସିଲ ଅନ୍ତର୍ଗତ ଭାରତୀୟ ଶିଳ୍ପ ମହାସଂଘର ଉପାଧ୍ୟକ୍ଷ ସତୀଶ ମିତ୍ତଳ ପରବର୍ତ୍ତୀ ପୀଢ଼ିର ଜିଏସ୍‌ଟି ସଂସ୍କାରକୁ ସ୍ୱାଗତ କରି କହିଛନ୍ତି...

**V/O (Satish)**

# ମଣିପୁର-ମିଲିଟାଣ୍ଟ ଆରେଷ୍ଟେଡ

ମଣିପୁରରେ ସୁରକ୍ଷା ବାହିନୀ ଜଣେ ମହିଳା କ୍ୟାଡର ସମେତ ବିଭିନ୍ନ ପ୍ରତିବନ୍ଧିତ ସଂଗଠନର ୬ଜଣ ଉଗ୍ରବାଦୀଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ବହୁମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି । ଜଣେ ପୁଲିସ ଅଧିକାରୀ କହିଛନ୍ତି କାଙ୍ଗଲେଇପାକ କମ୍ୟୁନିଷ୍ଟ ପାର୍ଟି, ପିପୁଲ୍ସ ରିଭୋଲ୍ୟୁସନାରୀ ପାର୍ଟି ଅଫ୍ କାଙ୍ଗଲେଇ ପାକ ଏବଂ ପିପୁଲ୍ସ ଲିବରେସନ ଆର୍ମୀ ସହ ଜଡିତ ଉଗ୍ରବାଦୀମାନଙ୍କୁ ପଶ୍ଚିମ ଇମ୍ଫାଲ, କାକଚିଙ୍ଗ ଏବଂ ଥୌବାଲ ଜିଲ୍ଲାରୁ ଗିରଫ କରାଯାଇଛି । ସମ୍ପୃକ୍ତ ଉଗ୍ରବାଦୀମାନେ ଲୋକଙ୍କୁ

ଭୟଭୀତ କରିବା ସହ ସରକାରୀ କର୍ମଚାରୀ ଓ ଠିକାଦାରଙ୍କଠାରୁ ଚାନ୍ଦା ଆଦାୟ କରିବା ଅଭିଯୋଗ ହୋଇଥିଲା ।

# ୱିମେନ୍ସ ୱାର୍ଲ୍ଡକପ୍

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌କୁ ବର୍ଷା ଯୋଗୁଁ ବାତିଲ କରାଯାଇଛି । ନଭି ମୁମ୍ବାଇର ଡକ୍ଟର ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବର୍ଷା ବାଧକ ସାଜିଥିଲା । ଡକୱର୍ଥ ଲୁଇସ୍ ଷ୍ଟର୍ଣ୍ଣ ନିୟମ ଅନୁଯାୟୀ ଭାରତ ପାଇଁ ୨୭ ଓଭରରେ ୧୨୬ ରନ୍ ଲକ୍ଷ୍ୟ ରଖାଯାଇଥିବାବେଳେ ୮ ଓଭର ୪ଟି ବଲ୍ ସୁଦ୍ଧା ଭାରତ କୌଣସି ୱିକେଟ୍ ନ ହରାଇ ୫୭ ରନ୍ ସ୍କୋର କରିଥିଲା । ତେବେ ବର୍ଷା ଜାରି ରହିବାରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା । ପୂର୍ବରୁ ବାଂଲଦେଶ ବ୍ୟାଟିଂ କରି ୨୭ ଓଭରରେ ୯ ୱିକେଟ୍ ବିନିମୟରେ ୧୧୯ରନ୍ ସଂଗ୍ରହ କରିଥିଲା ।

ଏହି ବିଶ୍ୱକପ୍‌ରେ ଆସନ୍ତା ୨୯ ତାରିଖରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ୩୦ ତାରିଖରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।